### ୩ ଦିନିଆ ଜିଲ୍ଲା ଗସ୍ତରେ ରାଷ୍ଟ୍ରପତି

# ଶିକ୍ଷା ହିଁ ଦେଶ ବିକାଶର ଅସଲ ପୁଞ୍ଜି







**ରାଇରଙ୍ଗପୁର,୪।୨(ସମିସ):**

ଶିକ୍ଷା ହେଉଛି ବିକାଶର ପୁଞ୍ଜି। ଶିକ୍ଷାର ବିକାଶ ବିନା ଦେଶର ବିକାଶ ଅସମ୍ଭବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚତୁର୍ଥ ଥର ପାଇଁ ବୁଧବାର ରାଇରଙ୍ଗପୁର ଆସି କହିଛନ୍ତି। ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବୁଧବାର ପୂର୍ବାହ୍ନ ୧୧ଟା ୧୦ରେ ରାଇରଙ୍ଗପୁର ସ୍ଥିତ ଦାଣ୍ଡବୋଷରେ ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ସାଂସଦ, ବିଧାୟକ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ, ଏଡିଜି, ଡିଆଇଜି, ଜିଲ୍ଲାପାଳ ଓ ଏସପି ସମେତ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କଡ଼ା ସୁରକ୍ଷା ବଳୟ ମଧ୍ୟରେ କାରକେଡ୍‌ରେ ଆସି ହଲି ଡେ ହୋମ ଉଦ୍ଘାଟନ କରିଛନ୍ତି। ପୂର୍ବରୁ ସ୍ୱାଗତ ପାଇଁ ହଲି ଡେ ହୋମ୍ ପ୍ରସ୍ତୁତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦରୁ ଅବସର ଗ୍ରହଣ କରିବା ପରେ ଏଠାରେ ରହଣୀ କରିବେ। ଯାହାକୁ ନେଇ ବିଳାସ ପୂର୍ଣ୍ଣ ବଙ୍ଗଳା ସହ ୧୬ଟି କୋଠରି ବିଶିଷ୍ଟ ଏକ ବିଲ୍ଡିଂ ପ୍ରସ୍ତୁତ ହୋଇଛି। ରାଷ୍ଟ୍ରପତି ଗସ୍ତ ଅବସରରେ ଉକ୍ତ ସ୍ଥାନରେ ତାଙ୍କର ରହଣି କାର୍ଯ୍ୟକ୍ରମ ରହିଛି। ଏହାର ଉଦ୍‌ଘାଟନ କରିବା ପରେ ୧୨ଟାରେ ମହୁଲଡିହାସ୍ଥିତ ସରକାରୀ ଏସଏସଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ପ୍ଲାଟିନମ ଜୁବୁଲୀରେ କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ପ୍ରୋଟକଲ ଭାଙ୍ଗି ମଞ୍ଚରୁ ଓହ୍ଲାଇ ଆସି ସମସ୍ତ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଚାକିରି ପଛରେ ନଗୋଡାଇ ଭଲ ମଣିଷ ହେବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ସ୍ଥାପିତ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ।

ଅପରାହ୍ଣରେ ରାଇରଙ୍ଗପୁରବାସୀଙ୍କ ପାଇଁ ୨୮୦କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। କଚେରି ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲ, ଓୟୁଏଟି ଦ୍ୱିତୀୟ କ୍ୟାମ୍ପସ, ଧର୍ନୁବିଦ୍ୟା କେନ୍ଦ୍ର, ରାଇରଙ୍ଗପୁର ସହର ଉନ୍ନତି ଓ ସହରୀକରଣ ପ୍ରକଳ୍ପ, ପୌରପାଳିକା ସମ୍ମିଳନୀ କକ୍ଷ, ରାଇରଙ୍ଗପୁର ମହାବିଦ୍ୟାଳୟ ୩୬୦ଶଯ୍ୟା ବିଶିଷ୍ଟ ହଷ୍ଟେଲ ଓ ହାଟବାଦଡା ଠାରେ ନିଶା ନିବାରଣ କେନ୍ଦ୍ର ଆଦିର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଙ୍ଗ ଗଣେଶରାମ ସିଂଖୁଣ୍ଟିଆ, ମୟୂରଭଞ୍ଜ ଏମପି ନବ ଚରଣ ମାଝୀ, ରାଜ୍ୟସଭା ଏମ୍‌ପି ମମତା ମହାନ୍ତ, ରାଇରଙ୍ଗପୁର ବିଧାୟକ ଜୋଲେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ପ୍ରମୁଖ ସଚିବ ଅଶ୍ୱଥି ଏସ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହଲି ଡେ' ହୋମରେ ଅତିଥିଙ୍କୁ ରହିବାର ସୁଯୋଗ ସୃଷ୍ଟି ହୋଇପାରିଛି। ଶିକ୍ଷା ହେଉଛି ବିକାଶର ପୁଞ୍ଜି। ଶିକ୍ଷାର ବିକାଶ ବିନା ଦେଶର ବିକାଶ ଅସମ୍ଭବ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳୀ ଗୁଡିକରେ ଆଦିବାସୀ ମହିଳା ଓ ପୁରୁଷ ମାନେ ପାରମ୍ପାରିକ ବେଶଭୂଷାରେ ନୃତ୍ୟ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗସ୍ତ କାର୍ଯ୍ୟକ୍ରମକୁ ନେଇ ରାଇରଙ୍ଗପୁର ସହର ବାସୀ ବେଶ ଉତ୍ସାହିତ ରହିଛନ୍ତି।





## ଭଞ୍ଜବୀର ସୁନାରାମ ସୋରେନଙ୍କ ଜୟନ୍ତୀ

**ବାରିପଦା,୪।୨(ସମିସ):** ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ଭଞ୍ଜବୀର ସୁନାରାମ ସୋରେନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଭଞ୍ଜପୁର ଠାରେ ଥିବା ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଭଞ୍ଜପୁର ଠାରେ ଥିବା ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୁର୍ତ୍ତି ଛକ ଠାରୁ ବାରିପଦା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସୁନାରାମ ସୋରେନ ମାର୍ଗ ନାମରେ ନାମିତ କରିବାକୁ ଦାବି କରିଛନ୍ତି। ଭଞ୍ଜବୀର ସୁନାରାମ ସୋରେନ ହେଉଛନ୍ତି



ମୟୂରଭଞ୍ଜ ରାଜ୍ୟ ଦାବିର ମୁଖ୍ୟ ମଙ୍ଗୁଆଳ। ସେ ଥିଲେ ମୟୂରଭଞ୍ଜର ପ୍ରଥମ ଆଦିବାସୀ ମନ୍ତ୍ରୀ। ତାଙ୍କର ପ୍ରଚେଷ୍ଟା ଯୋଗୁଁ ଓଡ଼ିଶାରେ ଆଦିବାସୀ, ଗରିବ, ଅସହାୟ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଆଶ୍ରମ ସ୍କୁଲ ନିର୍ମାଣ ହୋଇପାରିଛି। ସେହି ଆଶ୍ରମ ସ୍କୁଲରେ ରହି ଆଦିବାସୀ ଛାତ୍ରଛାତ୍ରୀ ପାଠ ପଢିବାର ଅଧିକାର ପାଇବା ସହିତ ଭବିଷ୍ୟତ ଗଠନ କରିବାର ସୁଯୋଗ ପାଉଛନ୍ତି। ତେଣୁ ଏଭଳି ମହାପୁରୁଷଙ୍କ ନାମରେ ଭଞ୍ଜପୁର ଛକ ଠାରୁ ବାରିପଦା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସୁନାରାମ ସୋରେନଙ୍କ ମାର୍ଗ ନାମରେ ନାମିତ କରାଗଲେ ତାଙ୍କୁ ସମ୍ମାନ ମିଳିବା ସହିତ ତାଙ୍କର ତ୍ୟାଗ ବଳିଦାନକୁ ଯୁବ ପିଢି ଜାଣି ପାରିବେ ବୋଲି ମତପ୍ରକାଶ ପାଇଥିଲା।

### ମକ୍କା ଓ ମଦିନା ତୀର୍ଥଯାତ୍ରୀ ଠକେଇ ଘଟଣା

## ଅଭିଯୁକ୍ତକୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ

**ବାରିପଦା,୪।୨(ସମିସ):** ମକ୍କା ଓ ମଦିନା ଯାତ୍ରା ପାଇଁ ୨୯ ଜଣ ଇଚ୍ଛୁକ ଯାତ୍ରୀଙ୍କ ପକ୍ଷରୁ ମୁମ୍ବାଇର ଏକ ଘରୋଇ ଟ୍ରାଭେଲ ଏଜେଣ୍ଟ ଅଲ୍ ଆଦମ ଟୁରସ୍ ଆଣ୍ଡ ଟ୍ରାଭେଲ୍ସକୁ ଅଗ୍ରୀମ ୧୯ ଲକ୍ଷ ୬୪ ହଜାର ଟଙ୍କା ପଠାଯାଇଥିଲେ ସୁଦ୍ଧା ଯାତ୍ରା ହୋଇପାରି ନ ଥିବା କିମ୍ବା ଟଙ୍କା ଫେରସ୍ତ ଦେଉ ନ ଥିବା ଅଭିଯୋଗ ସମ୍ପର୍କିତ ୨୦୨୩ର ଏକ ମାମଲାକୁ ବିଚାର କରି ସ୍ଥାନୀୟ ବାରିପଦା ଏସଡିଜେଏମ ଜୁଏଲ ପଟ୍ଟନାଏକ ଅଭିଯୁକ୍ତ ମୁମ୍ବାଇର ନବୀଲ ଅବଦୁଲ ଶେଖ୍ (୩୧)କୁ ଦୋଷୀ ସାବ୍ୟସ୍ତ କରିବା ସହିତ ମଙ୍ଗଳବାର ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତକୁ ୪୨୦ ଦଫାରେ ଦୁଇବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତ ବିଚାରାଧୀନ କଏଦୀ ଭାବେ ରହିଆସିଥିବା ଅବଧିକୁ ମୋଟ ଦଣ୍ଡାଦେଶରୁ ହ୍ରାସ କରାଯିବା ନେଇ ରାୟରେ ପ୍ରକାଶ କରାଯାଇଛି। ସରକାରଙ୍କ ପକ୍ଷରୁ ଏପିପି ସରୋଜ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

ବାରିପଦା ୧୬ନଂ ୱାର୍ଡ ଶ୍ରୀରାମଚନ୍ଦ୍ରପୁରର ଶେଖ ବେଲାଲ ଅହମ୍ମଦଙ୍କ ଅଭିଯୋଗକ୍ରମେ ବାରିପଦା ଟାଉନ ଥାନାରେ ୨୦୨୩ ଏପ୍ରିଲ ୭ ତାରିଖରେ ୨୫୬/୨୩ରେ ଏକ ମାମଲା ଅଭିଯୁକ୍ତ ନବୀଲ ଅବଦୁଲ ଶେଖଙ୍କ ବିରୋଧରେ ରୁଜୁ ହୋଇଥିଲା। ଅଭିଯୋଗକାରୀ ସମ୍ପୃକ୍ତ ଘରୋଇ ଟ୍ରାଭେଲ ଏଜେଣ୍ଟଙ୍କ ଜରିଆରେ ପୂର୍ବରୁ ୨୦୧୮ ଓ ୨୦୧୯ରେ ଇଚ୍ଛୁକ ଯାତ୍ରୀଙ୍କଠାରୁ ଯାତ୍ରା ଖର୍ଚ୍ଚ ନେଇ ମକ୍କା ଓ ମଦିନା ଯାତ୍ରା କରାଇ ନିଜ ସ୍ଥାନକୁ ଫେରାଇ ଆଣିଥା'ନ୍ତି। ପ୍ରତିବର୍ଷ ଭଳି ୨୦୨୦ ଡିସେମ୍ବରରେ ମଧ୍ୟ ଏଭଳି ଯାତ୍ରା ସକାଶେ ୨୯ ଜଣ ଇଚ୍ଛୁକ ବ୍ୟକ୍ତିଙ୍କଠାରୁ ଟଙ୍କା ନେଇ ସଂପୃକ୍ତ ଅଭିଯୁକ୍ତଙ୍କୁ ୨୦୨୦ ଜାନୁଆରୀ ୧ ତାରିଖଠାରୁ ୨୦୨୨ ଅକ୍ଟୋବର ୧୦ ତାରିଖ ମଧ୍ୟରେ ୩ଟି ପର୍ଯ୍ୟାୟରେ ୧୯ ଲକ୍ଷ ୬୪ ହଜାର ୭ ଶହ ଟଙ୍କା ପଠାଇଥିଲେ। କିନ୍ତୁ କରୋନା ମହାମାରୀ ପାଇଁ ୨୦୨୧ ପର୍ଯ୍ୟନ୍ତ ଏହି ଯାତ୍ରା ସହ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। କରୋନା ପାଇଁ ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ପାଇଥିବାରୁ ଅଭିଯୁକ୍ତ ଦର୍ଶାଇବା ଅନୁଯାୟୀ ଅଧିକ ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିଲା। ବାରମ୍ବାର ତାଗିଦ୍ ସତ୍ତ୍ୱେ ଯାତ୍ରୀଙ୍କୁ ଯାତ୍ରା ପାଇଁ ନେଇ ନ ଥିବା କିମ୍ବା ଟଙ୍କା ମଧ୍ୟ ଫେରସ୍ତ ଦେଉ ନ ଥିବା ଅଭିଯୋଗ ଅନୁଯାୟୀ ପୁଲିସ ମାମଲା ରୁଜୁ କରିଥିଲା। ଏହି ଅଭିଯୋଗ ସମ୍ପର୍କରେ ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ଗିରଫ ଅଭିଯୁକ୍ତ ୨୦୨୫ ଫେବୃଆରୀ ୧୨ ତାରିଖଠାରୁ ଆଜି ରାୟ ପ୍ରକାଶ ପର୍ଯ୍ୟନ୍ତ ସ୍ଥାନୀୟ ଜେଲ ହାଜତରେ ବିଚାର ବିଭାଗୀୟ କଏଦୀ ଭାବେ ଥିଲା। ଏହି ଘଟଣାର ତଦନ୍ତ କରି ୨୦୨୫ ଏପ୍ରିଲ ୮ ତାରିଖରେ ଚାର୍ଜସିଟ୍ ଦାଖଲ କରିଥିଲା ଓ ୨୦୨୫ ମେ ୧୫ ତାରିଖରେ ଚାର୍ଜଫ୍ରେମ ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଡମ ସମାଜ

**ରାଇରଙ୍ଗପୁର,୪।୨(ସମିସ):** ଓଡ଼ିଶା ଡମ ସମାଜ ବିକାଶ ଟ୍ରଷ୍ଟ ପକ୍ଷରୁ ବାଉଁଶ କାରିଗର ମାନଙ୍କୁ ସରକାରୀ ସହାୟତା ପ୍ରଦାନ ଓ ଡମ ଭବନ ପ୍ରତିଷ୍ଠା ନିମନ୍ତେ ଦାବି ହୋଇଛି। ଏ ନେଇ ରାଜ୍ୟ ଡମ ସମାଜ ବିକାଶ ଟ୍ରଷ୍ଟ ପକ୍ଷରୁ ରାଇରଙ୍ଗପୁର ଠାରେ ମୁଖ୍ୟମନ୍ତ୍ରୀ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ଋଣ ଏବଂ ବାଉଁଶ ତିଆରି ସାମଗ୍ରୀ ବିକ୍ରି ବ୍ୟବସ୍ଥା କଲେ ମୟୂରଭଞ୍ଜ ଜିଲ୍ଲାରେ ୪୦ ହଜାର ବାଉଁଶ କାରିଗରଙ୍କ ଜୀବନ ଜିବିକା ଉନ୍ନତ ହୋଇପାରିବ ବୋଲି ଓଡିଶା ଡ଼ମ ସମାଜ ବିକାଶ ଟ୍ରଷ୍ଟର ସଭାପତି କରମଚାନ୍ଦ କାଳନ୍ଦୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ୪୦ହଜାରରୁ ଉର୍ଦ୍ଧ୍ୱ ଡମ ଜାତିର ଲୋକ ବାଉଁଶରେ ବିଭିନ୍ନ ଜିନିଷ ତିଆରି କରି ତାକୁ ବିକ୍ରି ବଟା କରି ପରିବାର ଭରଣ ପୋଷଣ କରନ୍ତି। ବାଉଁଶରେ ତିଆରି ସାମାଗ୍ରୀ କୁଲା, ପାଛିଆ, ଟୁପା, ଟୁଙ୍କି, ଜଲା, ଫୁଲ ଚାଙ୍ଗୁଡି, କୁକୁଡ଼ା ଘାରି, ଶସ୍ୟ ରଖିବା ସାମଗ୍ରୀ, ଜୁଲି, ହାତ ପଙ୍ଖା ଆଦି ତିଆରି କରି ଗାଁ ଗାଁ ଏବଂ ସହରରେ ବିକ୍ରି କରନ୍ତି। ବର୍ତ୍ତମାନ ପାଷ୍ଟିକ ଯୁଗ ହେବାରୁ ଏହାର ବିକ୍ରି ଠିକ୍ ଭାବରେ ହୋଇପାରୁନାହିଁ। ଉକ୍ତ ଜିନିଷ କିଣା ବିକା ନିମନ୍ତେ ମାର୍କେଟ ପ୍ରସ୍ତୁତ ପାଇଁ ଦାବି କରିଛନ୍ତି। ବାଉଁଶ ସାମଗ୍ରୀ ବିକ୍ରି ଓ କାରିଗରକୁ ଋଣ ବ୍ୟବସ୍ଥା ନେଇ ଦାବି କରିଛନ୍ତି। ଏହା ସହିତ ସମାଜ ବିକାଶ ପାଇଁ ଡମ ଭବନ ପ୍ରତିଷ୍ଠା ନିମନ୍ତେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଟ୍ରଷ୍ଟ ସମ୍ପାଦକ ବିଶ୍ୱ ରଞ୍ଜନ ବାଗ, ଲକ୍ଷ୍ମଣ ବାଗ, ଶରତ ଚନ୍ଦ୍ର ବୈଠା, ଶ୍ୟାମ ସୁନ୍ଦର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଗୁରୁ ରୋହିଦାସ ସିଂହ ନାଗ: ଭାଷା ଓ ସ୍ୱାଭିମାନର ପ୍ରତୀକ



ଓଲଗୁରୁ ରୋହିଦାସ ସିଂହ ନାଗଙ୍କ ଜନ୍ମଜୟନ୍ତୀ ଅବସରରେ ଆମେ ସେହି ଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧା ସହ ସ୍ମରଣ କରୁଛୁ, ଯାହାଙ୍କ ଜୀବନ ସାଂସ୍କୃତିକ ଗୌରବ ଓ ସାମାଜିକ ଉନ୍ନତିର ଏକ ସେତୁ ହୋଇ ରହିଥିଲା। ସେ ୫ ଫେବୃଆରୀ ୧୯୩୪ ରେ ମୟୂରଭଞ୍ଜ ଜିଲ୍ଲାର ଚାନ୍ଦୁଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଏବଂ ୩୦ ଡିସେମ୍ବର ୨୦୧୨ରେ ଶାମାଖୁଣ୍ଟା ବ୍ଲକ୍ର ସାଲବଣି ଗ୍ରାମରେ ପରଲୋକଗମନ କରିଥିଲେ। ସେ କେବଳ ମୁଣ୍ଡାରୀ ବାଣୀ ଲିପିର ଆବିଷ୍କାରକ ନୁହନ୍ତି, ବରଂ ଏଭଳି ଜଣେ ସମାଜ ସୁଧାରକ, ଯିଏ ବିଶ୍ୱାସ କରୁଥିଲେ ଯେ ସମୁଦାୟର ଉନ୍ନତି ତାହାର ଭାଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ନୈତିକ ଶକ୍ତିର ସମନ୍ୱିତ ବିକାଶ ଉପରେ ନିର୍ଭର କରେ। ଯେତେବେଳେ ଅନେକ ଆଦିବାସୀ ଭାଷା ବାହ୍ୟ ପ୍ରଭାବରେ ଧୀରେଧୀରେ ଅଦୃଶ୍ୟ ହେଉଥିଲା, ସେତେବେଳେ ଓଲଗୁରୁ ବୁଝିଥିଲେ ଯେ ଭାଷା ହେଉଛି ପରିଚୟର ମୂଳ ଭିତ୍ତି। ତାଙ୍କ ଦ୍ୱାରା ମୁଣ୍ଡାରୀ ବାଣୀ ଲିପିର ସୃଷ୍ଟି ମୁଣ୍ଡାରୀ ଭାଷାକୁ ନିଜସ୍ୱ ଲିଖିତ ରୂପ ଦେଇଥିଲା, ଯାହା ମାଧ୍ୟମରେ ପିଢ଼ି ପରେ ପିଢ଼ି ନିଜ ଐତିହ୍ୟକୁ ଗର୍ବର ସହ ଶିଖିବା, ଲେଖିବା ଓ ସୁରକ୍ଷିତ କରିବାର ସୁଯୋଗ ପାଇଲେ। ଏହା କେବଳ ଭାଷାଗତ ଉପଲବ୍‌ଧି ନୁହେଁ, ବରଂ ମୁଣ୍ଡାରୀ ସମୁଦାୟର ସ୍ୱାଭିମାନ ଓ ବୈଚାରିକ ସ୍ୱାଧୀନତାର ଘୋଷଣା ଥିଲା।

ସେ ରଙ୍ଗାମାଟିଆ ହାଇସ୍କୁଲ ଓ ରଙ୍ଗାମାଟିଆ କଲେଜ୍ ସ୍ଥାପନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ, ଯାହା ଗ୍ରାମୀଣ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ଦ୍ୱାର ଖୋଲିଦେଇଥିଲା। ସେ ଶିକ୍ଷା ସଂସ୍ଥାକୁ କେବଳ ପାଠଶାଳା ଭାବରେ ନୁହେଁ, ବରଂ ସଚେତନତା, ଆତ୍ମବିଶ୍ୱାସ ଓ ନେତୃତ୍ୱ ଗଢ଼ିବାର କେନ୍ଦ୍ର ଭାବରେ ଦେଖୁଥିଲେ। ଓଲଗୁରୁ ବୁଝିଥିଲେ ଯେ ସ୍ୱାସ୍ଥ୍ୟ ସେବା ବିନା ଉନ୍ନତି ଅପୂର୍ଣ୍ଣ। ଏହି ଦୃଷ୍ଟିକୋଣରୁ ସେ ରଙ୍ଗାମାଟିଆରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ସମାଜକୁ ଭିତରୁ ଦୁର୍ବଳ କରୁଥିବା କୁପ୍ରଥାମାନଙ୍କ ବିରୋଧରେ ଦୃଢ଼ ସ୍ୱର ଉଠାଇଥିଲେ। ସେ ମଧ୍ୟ ଏକ ନିଶାମୁକ୍ତ ସମାଜ ଗଢ଼ିବାରେ ବ୍ରତୀ ଥିଲେ। ଓଲଗୁରୁ ରୋହିଦାସ ସିଂହ ନାଗ କେବେ ବ୍ୟକ୍ତିଗତ ଯଶ କିମ୍ବା ଲାଭ ପାଇଁ କାମ କରିନଥିଲେ।

ଏହି ପବିତ୍ର ଅବସରରେ ଆମେ ତାଙ୍କୁ କେବଳ ଏକ ଐତିହାସିକ ବ୍ୟକ୍ତି ଭାବେ ନୁହେଁ, ବରଂ ଏକ ପଥପ୍ରଦର୍ଶକ ଆଲୋକ ଭାବେ ସ୍ମରଣ କରୁଛୁ। ତାଙ୍କ ଜୀବନ ଆମକୁ ଶିଖାଏ ସତ୍ୟ ନେତୃତ୍ୱ ହେଉଛି ପରିଚୟକୁ ସୁରକ୍ଷିତ ରଖି ଭବିଷ୍ୟତ ଗଢ଼ିବା, ସାମାଜିକ ସୁଧାର ପାଇଁ ସାହସ ଆବଶ୍ୟକଏବଂ ଦୀର୍ଘସ୍ଥାୟୀ ପରିବର୍ତ୍ତନ ସମୁଦାୟ ସେବାରୁ ଆସେ।

ବୀରବଳ ସିଂହ
(ଆବାହକ, ମୁଣ୍ଡାରୀ ଭାଷା ସମନ୍ୱୟ ସମିତି)

### କ୍ରୀଡ଼ା ଓ ଆଦିବାସୀ ସଂସ୍କୃତିର ଐତିହ୍ୟ ପର୍ବ 'ବାଡୁଣିଆ ଆଦିବାସୀ ମହୋତ୍ସବ'

# ପାରମ୍ପରିକ ନୃତ୍ୟଗୀତରେ ଦୁଲୁକିଲା ପଡ଼ିଆ

**ବିଶୋଇ,୪।୨(ସମିସ) :**



ଓଡ଼ିଶା ବିଧାନସଭାର ପ୍ରଥମ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଦିବଙ୍ଗତ ସୁନାରାମ ସୋରେନଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଭଞ୍ଜଇପିଲ ସୁନାରାମ ସୋରେନ ୟୁଥ କ୍ଲବ ଆନୁକୂଲ୍ୟରେ ବିଶୋଇ ବ୍ଲକ୍‌ସ୍ଥିତ ବାଡୁଣିଆ ଠାରେ ୩୫ ତମ ବାର୍ଷିକ ବୃହତ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ 'ଆଦିବାସୀ ମହୋତ୍ସବ -୨୦୨୬' ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ କ୍ଲବ ସଭାପତି ବଦେନ କିସ୍କୁ, ଉପସଭାପତି ସାଇବୁ ସୋରେନ, ସମ୍ପାଦକ ଫାଗୁ ହେମ୍ବ୍ରମ, କୋର କମିଟି ସଦସ୍ୟ ମଥୁରା ସୋରେନ, ସହ ସମ୍ପାଦକ ସୁରାଇ ହେମ୍ବ୍ରମ, କ୍ଲବ ବରିଷ୍ଠ ସଦସ୍ୟ ମହେଶ୍ୱର ପାତ୍ରଙ୍କ ଦ୍ୱାରା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଜି ସୁନାରାମ ସୋରେନଙ୍କ ଜୟନ୍ତୀକୁ ଉତ୍ସବର ମୁଖ୍ୟ ଦିବସ ଭାବରେ ପାଳନ କରାଯାଇଥିଲା। ଆଜି ସକାଳେ ସ୍ଥାନୀୟ ଗ୍ରାମର ଶତାଧିକ ମହିଳା ପାରମ୍ପରିକ ପୋଷାକ ପରିଧାନ କରି ମାଦଳ ଢେମସା ବାଜାର ତାଳେ ତାଳେ ପାରମ୍ପରିକ ନୃତ୍ୟ ପରିବେଷଣ କରି ବାଡୁଣିଆ ଗ୍ରାମରୁ ଗ୍ରାମ ନାଏକେ ବାବାଙ୍କୁ ବିଶୋଇ ବ୍ଲକ୍ ନିକଟରେ ସ୍ଥାପିତ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ନିକଟକୁ ପାଛୋଟି ଆଣିଥିଲେ। ନାଏକେ ବାବା ରାମଦାସ ଟୁଡୁ ଯଥା ରୀତିନୀତିରେ ପ୍ରଥମେ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରିବାପରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ଖଡ଼ମବେଡ଼ା ସରପଞ୍ଚ ସୋମବାରୀ ସିଂ, ଖଡ଼ମବେଡ଼ା ପଞ୍ଚାୟତ ସମିତି ସଦସ୍ୟା ବାସନ୍ତୀ ହାଁସଦା, ସମାଜସେବୀ ସୁରାଇ ହାଁସଦାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ କ୍ଲବ ସଦସ୍ୟ ପ୍ରମୁଖ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଅପରାହ୍ଣ ସମୟରେ ବାଳକ ବାଳିକା ବିଭାଗର ଦୌଡ଼, ଲମ୍ବଡ଼ିଆ ପ୍ରତିଯୋଗିତା ସହିତ ସାଧାରଣଜ୍ଞାନ ପରୀକ୍ଷା ପ୍ରତିଯୋଗିତା କରାଯାଇଥିଲା। ଏଥିସହ ବିଭିନ୍ନ ଆକର୍ଷଣୀୟ କ୍ରୀଡ଼ା ପ୍ରୋତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ନୃତ୍ୟ ପ୍ରତିଯୋଗୀଙ୍କ ପକ୍ଷରୁ ଡାଣ୍ଟା, ଦାସାଏଂ, ଲାଗଣେ, ଲଟାଦିପିଲ, ବାହା ଏନେଜ, ବା ସୁସୁନ, କାଠି ନାଚ ପ୍ରମୁଖ ଆଦିବାସୀ ପାରମ୍ପରିକ ନୃତ୍ୟର ବିରାଟ ସଙ୍ଗମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସନ୍ଧ୍ୟା ସମୟରେ କ୍ଲବର ଉପଦେଷ୍ଟା ପ୍ରକାଶ ସୋରେନଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ ଏବଂ ମୁଖ୍ୟବ୍ୟକ୍ତା ଭାବରେ ଏନ.ବି ପୋଖରିଆ ସରପଞ୍ଚ ଡମାନ ମୁର୍ମୁ ଯୋଗଦେଇ ଆଦିବାସୀ ପରମ୍ପରାକୁ ପରିଚିତ କରିବାରେ ବାଡୁଣିଆ ମହୋତ୍ସବର ସ୍ୱତନ୍ତ୍ରତା ରହିଥିବା ବେଳେ ପ୍ରଥମ ଆଦିବାସୀ ମନ୍ତ୍ରୀ ସ୍ୱର୍ଗତ ସୁନାରାମ ସୋରେନଙ୍କ ସ୍ମୃତି ଓ ଗାଥାକୁ ଏହା ଉଜ୍ଜୀବିତ କରୁଛି ବୋଲି କହିଥିଲେ। ସମ୍ମାନୀୟ ଅତିଥି ଭାବରେ ଗ୍ରାମ ନଏକେ ବାବା ରାମଦାସ ଟୁଡୁ, ଖଡ଼ମବେଡ଼ା ସରପଞ୍ଚ ସୋମବାରୀ ସିଂ,ଖଡ଼ମବେଡ଼ା ପଞ୍ଚାୟତ ସମିତି ସଦସ୍ୟା ବାସନ୍ତୀ ହାଁସଦା,ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦ ସୋରେନ, ସମାଜସେବୀ ସହଦେବ ବେଶ୍ରା, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, କ୍ଲବ ବରିଷ୍ଠ ସଦସ୍ୟ ସାଇବୁ ସୋରେନ, ସାମ୍ବାଦିକ ଅମିତ ଦାସ, ଶାଶ୍ୱତ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ପରେ କୃତୀ କ୍ରୀଡ଼ାବିତ ଓ ନୃତ୍ୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ରାତ୍ରି ମନୋରଞ୍ଜନ ନିମନ୍ତେ କମିଟି ପକ୍ଷରୁ ସାନ୍ତାଳୀ ଅପେରା ପରିବେଷଣ କରାଯାଇଥିଲା। ଗୁରୁବାର ଦିନ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ସାଙ୍ଗକୁ ଅପରାହ୍ଣରେ ପାରମ୍ପରିକ ଲାଗଣେ ଏନେଜ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ମହେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ଲବର ସଭାପତି ବଦେନ କିସ୍କୁ, ସମ୍ପାଦକ ଫାଗୁ ହେମ୍ବ୍ରମ, କୋର କମିଟି ସଦସ୍ୟ ମଥୁରା ସୋରେନ, ଉପସଭାପତି ସାଇବୁ ସୋରେନ, ସହସମ୍ପାଦକ ସୁରାଇ ହେମ୍ବ୍ରମ, କୋଷାଧ୍ୟକ୍ଷ ସିଙ୍ଗରାୟ ହେମ୍ବ୍ରମ, ସହ କୋଷାଧ୍ୟକ୍ଷ ମାଝିଆ ସୋରେନ ଚନ୍ଦ୍ରମୋହନ ଟୁଡୁ, ସାମନ୍ତ ଶେଖର ମାଝୀ, ଡ୍ରାମା ସମ୍ପାଦକ ଚୁନୁରାମ କିସ୍କୁ, ସୁରେନ୍ଦ୍ର ହେମ୍ବ୍ରମ, ରାମ ନାଏକ, ରାକେଶ ହାଁସଦା, ଭୀମ ହାଁସଦା, ମେଘରାୟ ମୁର୍ମୁ ସମେତ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମନେପଡ଼ିଲେ ସୁନାରାମ ସୋରେନ

# 'କ୍ୟାନ୍ସରକୁ ହରାଇବା, କିନ୍ତୁ ହାରିବା ନାହିଁ'




ବାରିପଦା,୪।୨(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନମ୍ବର ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ରୋଗର କାରଣ ଓ ନିରାକରଣ ଜାଣିବା ଏକାନ୍ତ ଜରୁରୀ। ଏହି ପରିପେକ୍ଷୀରେ "କ୍ୟାନ୍ସରକୁ ହରାଇବା କିନ୍ତୁ ହାରିବା ନାହିଁ ବିଷୟ ଉପରେ ସ୍ଥାନୀୟ ଗାୟତ୍ରୀ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂର ଛାତ୍ରଛାତ୍ରୀ ଏକ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ। ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିରୋଧକ ଚିକିତ୍ସାକୁ ଗୁରୁତ୍ୱ ଦେବାପାଇଁ କଳାକାରମାନେ ଉପସ୍ଥିତ କୁନିକୁନି ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅବିଭାବକଙ୍କୁ ନାଟକ ମାଧ୍ୟମରେ ବାର୍ତ୍ତା ଦେଇଥିଲେ। ତତ୍ସହିତ ଗୁଟ୍‌ଖା, ପାନ ମସଲା, ଖଇନି, ମଦ ଆଦି ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଉପଦେଶ ଦେଇଥିଲେ। ଗାୟତ୍ରୀ ଅନୁଷ୍ଠାନର ଅଧ୍ୟାପକ ତଥା ମୟୂରଭଞ୍ଜ ହୋମିଓପ୍ୟାଥିକ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ଡଃ ସପନ କୁମାର ଦତ୍ତ, ନିର୍ଦ୍ଦେଶକ କଳ୍ପନା ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସୌମ୍ୟ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବୁଣାକେନ୍ଦ୍ରରେ ବିଶ୍ୱ କର୍କଟ ଦିବସ



ଉଦଳା,୪।୨(ସମିସ): ବିଶ୍ୱ କର୍କଟ ଦିବସ ଅବସରରେ ଉଦଳା ବ୍ଲକ୍ ଅନ୍ତର୍ଗତ ଚୁଳିଆପୋଷି ଏବଂ ସୁନାପାଳ ଗ୍ରାମରେ ଥିବା ହସ୍ତତନ୍ତ କେନ୍ଦ୍ର ପରିସରରେ କର୍କଟ ରୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଦୂର ସ୍ୱିଡେନ୍ ଦେଶରେ କାର୍ଯ୍ୟରତ ଡ. ରବିନାରାୟଣ ଦାଶ, ଡ. ଅଭିଜିତ୍ ଚୌଧୁରୀ ଯୋଗଦେଇ ମାରାତ୍ମକ କର୍କଟ ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ତମାଖୁ ସେବନ, ମଦ୍ୟପାନ, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ, ଶାରୀରିକ ବ୍ୟାୟାମ ଅଭାବ ଏବଂ ବାୟୁ ପ୍ରଦୂଷଣ ହିଁ କର୍କଟ ରୋଗର ମୁଖ୍ୟ କାରଣ ବୋଲି ଡକ୍ଟର୍ ଦାଶ ଅବଗତ କରାଇଥିଲେ। ଏହି ମାରାତ୍ମକ ରୋଗ ବିରୋଧରେ ମିଳିତ ଲଢ଼େଇର ଆବଶ୍ୟକତା ରହିଛି। ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ଅନେକ ଭୁଲ ଧାରଣା ରହିଛି। ଯାହାକୁ ଦୂରେଇ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଯୁବବିକାଶର ପ୍ରତିଷ୍ଠାତା ତଥା ସମାଜସେବୀ ଗୋବିନ୍ଦ ବଲ୍ଲଭ ଦଳାଇ ସୂଚନା ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ଏବଂ ବୁଣାକାରଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯୁବବିକାଶ ଫାଉଣ୍ଡେସନ୍ ଏବଂ ମୌନଧ୍ୱନି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଖାଲ ମାଇତି, ପଞ୍ଚାନନ ଦାସ, ପ୍ରିୟଦର୍ଶିନୀ ଦାସ, ଚମ୍ପାବତୀ ହାଁସଦା, ଆକାଶ ମହାନ୍ତ, ପ୍ରଦ୍ୟୁମ୍ନ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ରଚନା ପ୍ରତିଯୋଗିତାରେ ସନିତା ସିଂ ଦ୍ୱିତୀୟ




ବାରିପଦା,୪।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଆ ରଚନା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଗାଇଡ୍ ଶିକ୍ଷକ ମନୋଜ କୁମାର ପରିଡ଼ାଙ୍କ ନେତୃତ୍ୱରେ ଦଶମ ଶ୍ରେଣୀର ଛାତ୍ରୀ ସନିତା ସିଂ ଦ୍ୱିତୀୟ ହୋଇ ପୁରସ୍କୃତ ହୋଇଛନ୍ତି। କଟକସ୍ଥିତ ପିଏମ୍‌ଶ୍ରୀ ରେଭେନ୍ସା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସନିତା ସିଂଙ୍କୁ ମଧୁସୂଦନ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ରାଜ୍ୟସ୍ତରୀୟ ରେଡ୍‌କ୍ରସ ଶିବିର ପାଇଁ ଛାତ୍ରୀ ମନୋନୀତ




ବୈଶିଙ୍ଗା,୪।୨(ସମିସ): ଖୁଣ୍ଟାପୁରସ୍ଥିତ ଶ୍ରୀସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରିୟା ପଲ୍ଲବୀ ଦାସ, ହେମାଙ୍ଗିନୀ ରାଉଳ ଏବଂ ମଧୁସ୍ମିତା ମହାନ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ରେଡ୍‌କ୍ରସ୍ ଶିକ୍ଷା ଓ ଟ୍ରେନିଂ ଶିବିରରେ ଯୋଗଦାନ ପାଇଁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ଶିବିର ଚଳିତ ୫ରୁ ୯ ଫେବୃଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଛାତ୍ରୀମାନେ ଜିଲ୍ଲାସ୍ତରୀୟ ଶିବିରରେ ଦଳଗତ ସଂଗୀତରେ ପ୍ରଥମ ଏବଂ ନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ପାଇଁ ସମ୍ପୃକ୍ତ ଛାତ୍ରୀ ଓ ତାଙ୍କର ମାର୍ଗଦର୍ଶକ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷକଙ୍କ ସମେତ ମୁକୁନ୍ଦ ସେନାପତି, ଜ୍ୟୋସ୍ନାରାଣୀ ଜେନା, ସ୍ନିଗ୍ଧା ଲେଙ୍କା, ତୃଷ୍ଣା ଦାସ, ଶୁଭସ୍ମିତା ସାମନ୍ତରାୟ, ଶୁଭଲକ୍ଷ୍ମୀ ମାଝୀ, ରାଧୁ ସିଂ, କାମିନୀକାନ୍ତ ମହାପାତ୍ର, ଦୀପ୍ତି ଶଙ୍କର ପତି ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ରାଜ୍ୟ ସ୍ତରରେ ସମ୍ପୃକ୍ତ ଛାତ୍ରୀଙ୍କ ସଫଳତା କାମନା କରିଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ କର୍କଟ ଦିବସ

# ଠାକୁରମୁଣ୍ଡା ଓ ବାଦାମପାହଡ଼ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ

ବାରିପଦା,୪।୨(ସମିସ)



ବୁଧବାର ବାରିପଦାଠାରେ ବିଶ୍ୱ ତମାଖୁ କର୍କଟ ଦିବସ ପାଳନ କରାଯାଇଛି। ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାରିପଦା ସହର ପରିକ୍ରମା କରି ମୁଖ, ସ୍ତନ ଓ ଜରାୟୁ କର୍କଟ ରୋଗ ସମ୍ବନ୍ଧରେ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ତମାଖୁର ବ୍ୟବହାର ଓ ଏହାର କୁପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଲୋକଙ୍କୁ ଓ ପାନ ଦୋକାନ ମାନଙ୍କରେ ତମାଖୁ ବ୍ୟବହାରର ଭୟାବହତା ଉପରେ ସଚେତନତା କରାଯାଇଥିଲା। ଏଥିସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସଚେତନତା ସଭାର ମଧ୍ୟ ଆୟୋଜନ କରଯାଇଥିଲା। ସଭାରେ ଡାକ୍ତର ଶାନ୍ତନୁ ଦାସ ନୋଡାଲ ଅଫିସର ଭାବେ କର୍କଟ ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଘାସିରାମ ମୁର୍ମୁ ମୁଖ ଗହ୍ୱର କର୍କଟର ଭୟାବହତା ବିଷୟରେ କହିଥିଲେ। ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି କିଭଳି କର୍କଟ ରୋଗର ଶୀଘ୍ର ଚିହ୍ନଟ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଡାକ୍ତର ସୌମ୍ୟ ରଞ୍ଜନ ନାୟକ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ବିଭିନ୍ନ କର୍କଟ ରୋଗର କାରଣ ଓ ଏଥି ଲାଗି ଭ୍ୟାକ୍ସିନ ନେଇ ପାରିବ ସେ ବୋଲି କହିଥିଲେ। ସରକାରୀ ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଛାତ୍ରଛାତ୍ରୀ ଓ ସିଏଚ୍‌ଓ ମାନେ ଉପସ୍ଥିତ ଥିଲେ। ଉକ୍ତ ସଭାରେ କୁଲିଅଣା, ଠାକୁରମୁଣ୍ଡା ଓ ବାଦାମପାହଡ଼ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୁଖ, ସ୍ତନ ଓ ଜରାୟୁ କର୍କଟ ରୋଗର ଚିହ୍ନଟକରଣ ଲାଗି ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଏ. ମହନ୍ତ, ଭାରତୀ ଆରୁଖ, ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଧନୁ ମୁର୍ମୁ, ଗଣେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବେସରକାରୀ କଲେଜରେ ବିଇଡି ପାଠ୍ୟକ୍ରମ ଖୋଲିବାକୁ ଦାବି

ବାରିପଦା,୪।୨(ସମିସ): ବିଇଡି କୋର୍ସ ଖୋଲିବା ପାଇଁ ଘରୋଇ କଲେଜକୁ ରାଜ୍ୟ ସରକାର ଅନୁମତି ଦିଅନ୍ତୁ ବୋଲି ଦାବି ହେଉଛି। ରାଜ୍ୟରେ ବିଇଡି ପାଠ୍ୟକ୍ରମ ପାଇଁ ସୀମିତ ସିଟ୍ ରହିଛି। କେବଳ ସୀମିତ ସରକାରୀ କଲେଜଗୁଡ଼ିକରେ ଏହି ପାଠ ପଢ଼ିବାର ସୁବିଧା ରହିଛି। ଯେଉଁ ଛାତ୍ରଛାତ୍ରୀଙ୍କ ପାଖରେ ଆର୍ଥିକ ସମ୍ବଳ ରହିଛି, ସେମାନେ ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟର କଲେଜଗୁଡ଼ିକରେ ବିଇଡି କୋର୍ସ କରିପାରୁଛନ୍ତି। ଫଳରେ ଶିକ୍ଷକ ପଦବୀରେ ସେହି ଆର୍ଥିକ ସ୍ୱଚ୍ଛଳ ପିଲାଟିଏ ନିଯୁକ୍ତି ପାଇପାରୁଛି। ଏହାର ଫଳ ସ୍ୱରୂପ ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲା ତଥା ରାଜ୍ୟର ଅତ୍ୟନ୍ତ ଦରିଦ୍ର ଓ ଆଦିବାସୀ ମେଧାବୀ ଛାତ୍ରଛାତ୍ରୀ ବିଇଡି କୋର୍ସ ପାଇବାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ନିଯୁକ୍ତି ପାଇ ପାରୁ ନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମାନେଜମେଣ୍ଟ ତଥା ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଆୟୋଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକ ସେଲଫ ଫିନାନ୍ସି ମୋଡ୍‌ରେ ବିଇଡି କୋର୍ସ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁମତି ଦେବାକୁ ନିବେଦନ କରିଛନ୍ତି। ଯାହା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିକଟରେ ବିଚାରାଧୀନ ରହିଛି। ଏହାକୁ ମନ୍ତ୍ରୀ ଅନୁମୋଦନ ଦେବାକୁ ଦାବି କରାଯାଇଛି। ପରବର୍ତ୍ତୀ ପରିସ୍ଥିତିରେ ବିଇଡି କୋର୍ସ ଖୋଲିବା ପାଇଁ ଆବେଦନ କରିଥିବା ଶିକ୍ଷା ଅନୁଷ୍ଠାନ ଉପଯୁକ୍ତ କି ନୁହେଁ ତାହା କେନ୍ଦ୍ର ସରକାରଙ୍କ ସଂସ୍ଥା ସ୍ଥିର କରିବେ। ତେଣୁ ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ସ୍ଥାୟୀ ସ୍ୱୀକୃତିପ୍ରାପ୍ତ ଏବଂ ବିଶ୍ୱବିଦ୍ୟାଳୟ ଆୟୋଗ ଦ୍ୱାରା ମଧ୍ୟ ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ୍ କୋର୍ସ ଏବଂ ସାଧାରଣ ବିଏଡ୍ କୋର୍ସ ଖୋଲିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ତେଣୁ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ନିକଟରେ ଓଡ଼ିଶାରେ ବେସରକାରୀ ମହାବିଦ୍ୟାଳୟରେ ବିଇଡି କୋର୍ସ ଖୋଲିବା ନିମନ୍ତେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦାବିକୁ ସମର୍ଥନ କରି ଅନେକ ଶିକ୍ଷାବିତ୍, ଛାତ୍ର ସଂଗଠନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଏଥିରେ ହସ୍ତକ୍ଷେପ କରି ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ପାଇଁ ଓଡ଼ିଶାରେ ବେସରକାରୀ କଲେଜ ଗୁଡ଼ିକରେ ବିଇଡି କୋର୍ସ ଖୋଲିବାକୁ ଅନୁମତି ଦେବା ପାଇଁ ଅନୁରୋଧ କରିଛନ୍ତି।

# ଏନ୍‌ଏଚ୍‌ଏଆଇ ସ୍ୱାଗତ ତୋରଣରେ ତ୍ରୁଟିପୂର୍ଣ୍ଣ ବନାନ




**ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ**

କରଞ୍ଜିଆ,୪।୨(ସମିସ): କେନ୍ଦୁଝରଠାରୁ ମୟୂରଭଞ୍ଜକୁ ପ୍ରବେଶ କରିବା ପାଇଁ ଥିବା ଜାତୀୟ ରାଜପଥ ୪୯ରେ ଲାଗିଛି ସ୍ୱାଗତ ତୋରଣ। ଏଥିରେ ଲେଖାଅଛି 'ମୟୁରଭଞ୍ଜ କୁ ସ୍ୱାଗତ' ସ୍ୱାଗତ। ଯାହାକି ତ୍ରୁଟିପୂର୍ଣ୍ଣ ବୋଲି ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏହାକୁ ଠିକ୍ ଭାବେ ଲେଖିଲେ 'ମୟୂରଭଞ୍ଜକୁ ସ୍ୱାଗତ' ବୋଲି ହେବ। ମାତ୍ର ବୋର୍ଡ଼ରେ ମୟୂରଭଞ୍ଜର 'ୟ'ରେ 'ଊ'କାର ବଦଳରେ 'ଉ'କାର ଲେଖାଯାଇଥିବା ଘଟଣାକୁ ସାଧାରଣ ସମାଲୋଚନା କରାଯାଉଛି। ସେହିପରି 'ମୟୂରଭଞ୍ଜ' ଲାଗି 'କୁ' ରହିବା ବଦଳରେ ଏହା ଛାଡ଼ିକରି ରହୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଯାନବାହନ, ଜିଲ୍ଲା ତଥା ଜିଲ୍ଲା ବାହାରୁ ଶତାଧିକ ପର୍ଯ୍ୟଟକ ଓ ସାଧାରଣ ଯାତ୍ରୀ ଯାତାୟାତ କରୁଛନ୍ତି। ଜିଲ୍ଲା ପ୍ରବେଶ ସମୟରେ ଥିବା ପରିଚୟମୂଳକ ସରକାରୀ ବୋର୍ଡରେ ଏଭଳି ଭୁଲ ଦେଖିବା ଓଡ଼ିଆ ଅସ୍ମିତା, ରାଜ୍ୟ ଓ ଜିଲ୍ଲାର ମର୍ଯ୍ୟାଦାକୁ କ୍ଷତି ପହଞ୍ଚାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ କହିଛନ୍ତି ଯେ, ମୟୂରଭଞ୍ଜ ଭଳି ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନରେ ସମୃଦ୍ଧ ଜିଲ୍ଲାର ନାମ ଭୁଲ ଭାବେ ପ୍ରଦର୍ଶିତ ହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଏହି ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲି ପାଇଁ ଏଭଳି ହୋଇଥିବା ଅନେକ ମତ ଦେଉଛନ୍ତି। ଏହାକୁ ତୁରନ୍ତ ବନାନ ଶୁଦ୍ଧି କରିବାକୁ ଦାବି ହେଉଛି।

● ରୁଣ୍ଡା ସାକ୍ରାତ ପରବ୍ ଉଦ୍‌ଯାପିତ

# ଅସ୍ତିଆ ଗ୍ରାମରେ ଦୁଇ ଦିବସୀୟ କ୍ରୀଡ଼ା ପ୍ରତିଯୋଗିତା




ମୋରଡ଼ା,୪।୨(ସମିସ): ମୋରଡ଼ା ବ୍ଲକ୍ ଅଧୀନ ହଳଦୀପାଳ ପଞ୍ଚାୟତର ଅସ୍ତିଆ ଗ୍ରାମର ସ୍କୁଲ ସମ୍ମୁଖରେ ଥିବା ପଡ଼ିଆରେ ଜାହିର ଆୟ ଜୁମିଡ଼ କ୍ଲବ୍ ଆନୁକୂଲ୍ୟରେ ଦୁଇ ଦିନିଆ ବାର୍ଷିକ ଉତ୍ସବ ରୁଣ୍ଡା ସାକ୍ରାତ ପରବ-୨୦୨୬ ବୁଧବାର ଉଦ୍‌ଯାପିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୋରଡ଼ା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ର ଯୋଗ ଦେଇଥିଲେ। ପ୍ରଥମେ କମିଟି ର ସଦସ୍ୟମାନେ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ପରେ ଆଦିବାସୀ ପାରମ୍ପରିକ ଡାବୁଲ ତାମସା ନୃତ୍ୟର ତାଳେ ତାଳେ ମୁଖ୍ୟ ଅତିଥି ମହାପାତ୍ରଙ୍କୁ କମିଟି ସଦସ୍ୟ ମାନେ ମଞ୍ଚ ଉପରକୁ ପାଛୋଟି ନେଇଥିଲେ।ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ମହାପାତ୍ର ପୁରସ୍କୃତ କରିଥିଲେ।ଏହାପରେ ସନ୍ଧ୍ୟାରେ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମକୁ କମିଟିର ସଭାପତି ଅମିତ ମାରାଣ୍ଡି, ସମ୍ପାଦକ ସାକିଲା ସରେନ, ଏଥେଲେଟିକ ସେକ୍ରେଟାରୀ କାରୁନାଥ ଟୁଡୁ, ଡ୍ରାମାଟିକ ସେକ୍ରେଟାରୀ ମହେଶ୍ୱର ମୁର୍ମୁ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ବସନ୍ତ ଆଗମନରେ ମହକୁଛି ଆମ୍ବ ବଉଳ

ବାରିପଦା,୪।୨(ସମିସ): ମୟୂରଭଞ୍ଜ ଜିଲ୍ଲାରୁ ଶୀତ ଅପସରି ଯାଉଥିବାବେଳେ ଏବେ ବସନ୍ତ ଆଗମନର ସୂଚନା ମିଳିଲାଣି। ଏହି ବସନ୍ତ ଆଗମନରେ ଆମ୍ବ ବଉଳ ମହକରେ ଚଉଦିଗ କମ୍ପୁଛି। ଏହି ଜିଲ୍ଲା ଓଡ଼ିଶାର ପ୍ରମୁଖ ଆମ୍ବ ଉତ୍ପାଦନ ଅଞ୍ଚଳ ଭାବେ ପରିଚିତ ହୋଇଛି। ଶୀତ ଋତୁର ଶେଷ ସହ ଆମ୍ବ ଗଛରେ ନୂଆ ପଲ୍ଲବ ଓ ମଞ୍ଜରୀ ଦେଖାଯାଉଛି। ଚାଷୀମାନେ ବସନ୍ତକୁ ଆମ୍ବ ଚାଷର ସର୍ବୋତ୍ତମ ସମୟ ଭାବେ ଦେଖନ୍ତି। ଏହି ଋତୁରେ ଗଛଗୁଡ଼ିକୁ ଯତ୍ନ ନେବା, ସାର ପ୍ରୟୋଗ, କୀଟନାଶକ ସିଞ୍ଚନ ଓ ଜଳସେଚନ କରି ଭଲ ଫଳ ଉତ୍ପାଦନ ପାଇଁ ଲାଗିପଡ଼ିଛନ୍ତି। ପ୍ରାକୃତିକ ପରିବେଶ ଓ ଉର୍ବର ଜମି ଯୋଗୁଁ ଏଠାରେ ଆମ୍ବର ସ୍ୱାଦ ଓ ଗୁଣବତ୍ତା ଅଧିକ ଭଲ ହୋଇଥାଏ।

ମୟୂରଭଞ୍ଜରେ ବ୍ୟାପକ ଭାବେ ଆମ୍ବ ଚାଷ ହୋଇଛି। ସମ୍ପ୍ରତି ରାଜ୍ୟ ଉଦ୍ୟାନକୃଷି ବିଭାଗ ଓ ଅନ୍ୟ ସ୍ରୋତ ତଥ୍ୟନୁସାରେ ଜିଲ୍ଲାରେ ଉଦ୍ୟାନକୃଷି କ୍ଷେତ୍ର ବଢ଼ିଛି ଏବଂ ଆମ୍ବ ଏହାର ଏକ ପ୍ରମୁଖ ଅଂଶ। ଜିଲ୍ଲାର ମୋଟ୍ ଚାଷଯୋଗ୍ୟ ଜମି ପ୍ରାୟ ୪ ଲକ୍ଷ ୪୭ ହଜାର ହେକ୍ଟରରୁ ଅଧିକ ଥିବାବେଳେ ଉଚ୍ଚଭୂମି ଅଞ୍ଚଳରେ ଆମ୍ବ, ଲିଚୁ, କାଜୁ ଭଳି ଫଳ ଚାଷ ବଢ଼ୁଛି। ଓଡ଼ିଶାରେ ଆମ୍ବ ଚାଷ କ୍ଷେତ୍ର ପ୍ରାୟ ୧.୪ ଲକ୍ଷ ହେକ୍ଟରରୁ ଅଧିକ ଥିବାବେଳେ ମୟୂରଭଞ୍ଜ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ମନରେଗା ଯୋଜନା ଅଧୀନରେ ନୂଆ ଆମ୍ବ ବଗିଚା ସୃଷ୍ଟି ହେଉଛି ଏବଂ ଚାଷ କ୍ଷେତ୍ର ବର୍ଦ୍ଧିତ ହେଉଛି। ତଥ୍ୟ ଅନୁଯାୟୀ ଜିଲ୍ଲାରେ ୧୨,୫୦୦ ହେକ୍ଟର ଜମିରେ ଆମ୍ବ ଚାଷ ହୋଇଛି। ସବୁଠାରୁ ବଜାରରେ ଚାହିଦା ଥିବା ଜାତିଗୁଡ଼ିକ ମଧ୍ୟରେ ଆମ୍ରେପାଲି, ଦଶେରୀ, ତୋତାପାଲି, ଗୋପାଳଭୋଗ, ନେଙ୍କେଡା, ସୁନ୍ଦରୀ ଓ ଅନ୍ୟାନ୍ୟ ସ୍ଥାନୀୟ ଜାତି ମଧ୍ୟରେ କାଳାପାହାଡ, ସପେତା, ନାସ୍ତା, ମଲ୍ଲିକା, ଲାଟ ସୁନ୍ଦରୀ, କାଳୀବମ୍ବେ, ବାଇଗଣ ପଲେଇ,

**ଉତ୍କୃଷ୍ଟ ଆମ୍ବ ଉତ୍ପାଦନ ପାଇଁ ଚାଷୀ ତତ୍ପର**



ହାତୀଝୁଲ, ବାସ୍କିତୋଳା ଓ ଚଉଶା ପରି ବହୁ କିସମର ଆମ୍ବ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ଜରିଆରେ ଚାଷ କରାଯିବା ପରେ ଉତ୍ପାଦିତ ଆମ୍ବ ରାଜଧାନୀ ଭୁବନେଶ୍ୱର ସହିତ ବୋକାର, ରାଞ୍ଚି, ଟାଟା, କାନପୁର, ଲକ୍ଷ୍ନୌ ଓ ନୂଆଦିଲ୍ଲୀ ରପ୍ତାନୀ ହେଉଥିବା ବେଳେ ଦିଲ୍ଲୀରୁ ଏହି ଆମ୍ବ ବିଦେଶକୁ ମଧ୍ୟ ରପ୍ତାନୀ ହୋଇଥାଏ। ମୟୂରଭଞ୍ଜ ଜିଲ୍ଲାର ଚାଷୀ ନିଜ ଗଛ ଅନୁସାରେ ଜଣକା ୨୦ ହଜାରରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ଆମ୍ବ ଋତୁରେ ଆୟ କରିଥାନ୍ତି। ବସନ୍ତ ଋତୁରେ ଗଛରେ ମଞ୍ଜରୀ ଆସିବା ସହ ଫଳ ଧରିଥାଏ। ଚାଷୀମାନେ ଏହି ସମୟରେ ପ୍ରୋଟିନ୍ ଯୁକ୍ତ ସାର, ଜିଙ୍କ୍ ସଲଫେଟ୍, ବୋରନ୍ ଓ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ପ୍ରୟୋଗ କରନ୍ତି। ଶିମିଳିପାଳ ଅଭୟାରଣ୍ୟ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାକୃତିକ ପରିବେଶ ଯୋଗୁଁ ଆମ୍ବର ଗୁଣବତ୍ତା ଅଧିକ ଉନ୍ନତ ହୋଇଥାଏ। ବାରିପଦାର ରାଜବସା, ହେମିଲଟନ୍ ଗାର୍ଡେନ, କରଞ୍ଜିଆ, କପ୍ତିପଦା, ବଡସାହି, ଶୁଳିଆପଦା, ମୋରଡା, ରାସଗୋବିନ୍ଦପୁର, ବେତନଟି, ଶିମିଳିପାଳର ପାଦଦେଶରେ ବାଙ୍ଗିରିପୋଷି, କୁଳିଅଣା ଓ ଶାମାଖୁଣ୍ଟା ବ୍ଲକରେ ଆମ୍ବ ଚାଷ ବ୍ୟାପକ ଭାବେ କରାଯାଉଛି। ସରକାରୀ ନର୍ସରୀ ଓ ଉଦ୍ୟାନକୃଷି କେନ୍ଦ୍ରରୁ ଚାଷୀମାନେ ଉନ୍ନତ ଚାରା ପାଇ ଚାଷକୁ ବୃଦ୍ଧି କରୁଛନ୍ତି। ଆଧୁନିକ ଚାଷ ପଦ୍ଧତି ଯେପରିକି ଡ୍ରିପ୍ ଇରିଗେସନ୍, ଜୈବିକ ସାର, ଉଚ୍ଚ ଘନତ୍ୱ ରୋପଣ ଓ କୀଟ ପରିଚାଳନା ବ୍ୟବହାର କରି ଚାଷୀମାନେ ଉତ୍ପାଦନ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି। ଆମ୍ବ ଚାଷ ଜିଲ୍ଲାର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ସ୍ଥାନୀୟ ଚାଷୀଙ୍କୁ ଅଧିକ ଆୟ ଯୋଗାଇ ଦେଉଛି ଏବଂ ବଜାରରେ ଆମ୍ବର ଚାହିଦା ବଢ଼ୁଛି। ତେବେ ବଜାର ସମସ୍ୟା, ସଂଗ୍ରହଣ ଓ ପରିବହନର ଅଭାବ, ଅସମୟରେ ବର୍ଷା ଓ କୀଟପତଙ୍ଗ ଆକ୍ରମଣ ଯୋଗୁଁ କେତେକ ଚାଷୀ ସମସ୍ୟାରେ ପଡ଼ନ୍ତି। ସରକାର ଆମ୍ବ ଚାଷୀଙ୍କ ପାଇଁ ବୀମା ଯୋଜନା, ବଜାର ସଂଯୋଗ, ସଂଗ୍ରହାଗାର ଓ ପ୍ରକ୍ରିୟାକରଣ ସୁବିଧା ବଢ଼ାଇବାକୁ ଚେଷ୍ଟା କରୁଛନ୍ତି। ଏ ନେଇ ଉଦ୍ୟାନକୃଷି ବିଭାଗର ଉପନିର୍ଦ୍ଦେଶକ ଟଙ୍କଧର କାଲୋ କହିଛନ୍ତି ଯେ ବସନ୍ତ ଋତୁର ମଧୁର ପରିବେଶରେ ମୟୂରଭଞ୍ଜର ଆମ୍ବ ବଗିଚାଗୁଡ଼ିକ ସବୁଜ ପଲ୍ଲବରେ ସଜ୍ଜିତ ହୋଇଛି। ଆମେ ପ୍ରତି ୧୫ରୁ ୧୮ ଦିନରେ ହରମୋନ ଛିଞ୍ଚନ କରିବା ଆରମ୍ଭ କରିଛୁ। ଏହା ଫଳ ଆସିବା ଯାଏ ଜାରି ରହିବ, ଚାଷୀମାନେ ଚାହିଁଲେ କିଛି ଔଷଧ ମଧ୍ୟ ଦେବାକୁ ଆମେ ଯୋଜନା କରୁଛୁ। ଚାଷୀମାନେ ଏହି ଋତୁକୁ ସଫଳ ଉତ୍ପାଦନ ପାଇଁ ପ୍ରସ୍ତୁତ ହୋଇଛନ୍ତି। ଜିଲ୍ଲା ଆମ୍ବ ଚାଷରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଉଦ୍ୟମ ହୋଇଛି ଏବଂ ଏହା ସ୍ଥାନୀୟ ଅର୍ଥନୀତିକୁ ଆହୁରି ମଜବୁତ କରିବ ବୋଲି ସେ କହିଛନ୍ତି।

# ଜୟ ହନୁମାନ କ୍ରିକେଟ୍ କପ୍:ବାଉଁଶଡିହା ଚାମ୍ପିଅନ




ମହୁଲଡିହା,୪।୨(ସମିସ): ଠାକୁରମୁଣ୍ଡା ବ୍ଲକ ଭାଲିଆଡାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜାମବଣି ମିନି ଷ୍ଟାଡିୟମରେ ୪ ତାରିଖ ଜୟ ହନୁମାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୬ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପଡୋଶୀ କେନ୍ଦୁଝର, ବାଲେଶ୍?ର ଜିଲ୍ଲାର ଟିମ ସହିତ ସମୁଦାୟ ୮ ଟି ଟିମ ମଧ୍ୟରେ ମୁକାବିଲା ହୋଇଥିଲା। ଫାଇନାଲ ମ୍ୟାଚ ବାଉଁଶଡିହା (ଠାକୁରମୁଣ୍ଡା) ବନାମ ସୁନ୍ଦୁରିଆ(କେନ୍ଦୁଝର) ମଧ୍ୟରେ ମୁକାବିଲା ହୋଇଥିଲା। ଟସ ଜିତି ବାଉଁଶଡିହା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୨୪ ରନ କରିଥିଲା।ଜବାବରେ ସୁନ୍ଦୁରିଆ ଏକାଦଶ ୯.୪ ଓଭରରେ ୯୨ ରନ କରି ଅଲଆଉଟ ହୋଇଥିଲା। ଗତ ବର୍ଷର ଚମ୍ପିଆନ ବାଉଁଶଡିହା ଚଳିତ ବର୍ଷ ଚାମ୍ପିଅନ ହୋଇ କପ ସହ ପ୍ରଥମ ପୁରସ୍କାର ଭାବେ ୧୦ ହଜାର ଟଙ୍କା ଓ ରନର୍ସ ଅପ ଦଳ ଟ୍ରଫି ସହ ୬ ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଅମ୍ପାୟାର ଭାବେ ହୃଷିକେଶ ଦଣ୍ଡପାଟ(ଜାମୁବଣି) ଓ ସଙ୍କୀର୍ତ୍ତନ ସଂଖୁଆଳ(ମଲ୍ଲିପୋଷି) ଦାୟିତ୍ୱ ତୁଲାଇଥିବା ବେଳେ ସ୍ଥାନୀୟ ବନରକ୍ଷୀ ଗଦାଧର ମହାନ୍ତ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ବାବୁଲି ଭୁଜବଳଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା ଏବଂ ଶାନ୍ତି ଶୃଙ୍ଖଳାର ସହ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଥିବାରୁ ସମ୍ପାଦକ ରଞ୍ଜିତ ଦଣ୍ଡପାଟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜାହ୍ନବୀ ସୟ,ସମିତି ସଭ୍ୟ ବାମିଆ ବାନରା, ୱାର୍ଡ ମେମ୍ବର ବିପିନ ଅନୁକୁଳିଆ ପ୍ରମୁଖ ଯୋଗ ଦେଇଥିଲେ। ସର୍ବେଶ୍ୱର, ବିଷ୍ଣୁ, ହୃଷି, ବାବୁଲି, ନରେନ୍ଦ୍ର, ରଞ୍ଜନ, ପରେଶ, ରଞ୍ଜିତ, କୁନାଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

